# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**20 April - 2026**

**************************************

## <u>ମୁଖ୍ୟ ସମ୍ବାଦ</u>

- ଓଡ଼ିଶା ଗସ୍ତରେ ଆସନ୍ତାକାଲି ଆସୁଛନ୍ତି ରାଷ୍ଟ୍ରପତି

– ରାଉରକେଲାରେ ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସମନ୍ୱୟରେ ଓଡ଼ିଶା କୃଷିରେ ନୂତନ ଦିଗନ୍ତ ସୃଷ୍ଟି ହେଉଛି; କହିଲେ ମୁଖ୍ୟମନ୍ତ୍ରୀ

– ରାଜ୍ୟସ୍ତରୀୟ କୃଷକ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ 'ଆମ ବିହନ ଓ କୃଷି ରଥ'ର କଲେ ଶୁଭାରମ୍ଭ

- ମହାନଦୀ ଜଳ ବିବାଦର ପରବର୍ତ୍ତୀ ଶୁଣାଣି ହେବ ଆସନ୍ତା ମାସ ୨ ତାରିଖରେ

ଏବଂ

- ପବିତ୍ର ଅକ୍ଷୟ ତୃତୀୟାରେ ପୁରୀରେ ରଥ ନିର୍ମାଣ କାର୍ଯ୍ୟର ହେଲା ଶୁଭ ଅନୁକୂଳ

– ଆଜିଠାରୁ ଆରମ୍ଭ ହେଉଛି ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା

PIB

## ରାଷ୍ଟ୍ରପତିଙ୍କ ଦିନିକିଆ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଗସ୍ତ ସମୟରେ ରାଷ୍ଟ୍ରପତି ରାଉରକେଲାଠାରେ ଏକ ପ୍ଲାନେଟୋରିୟମ୍ ଓ ବିଜ୍ଞାନ କେନ୍ଦ୍ର ଏବଂ ନିର୍ମଳ ମୁଣ୍ଡା ପରିବେଶପଥକୁ ଉଦ୍‌ଘାଟନ କରିବେ। ଏହା ସହିତ ବିମାନ ବନ୍ଦର ପାଖ ପଡ଼ିଆରେ ଆୟୋଜିତ ଏକ ଜନସଭାକୁ ମଧ୍ୟ ସେ ସମ୍ବୋଧିତ କରିବେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଉରକେଲାଠାରେ ଜନଜାତି ସଂଗ୍ରହାଳୟ, କମାଣ୍ଡ ଓ ନିୟନ୍ତ୍ରଣ କକ୍ଷକୁ ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଆଜି ଏକ କାରକେଡ୍ ରିହରସେଲ ଅନୁଷ୍ଠିତ ହୋଇଯାଇଛି।

Desk

## ମୁଖ୍ୟମନ୍ତ୍ରୀ– ଧାନ ଗବେଷଣା କେନ୍ଦ୍ର

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଓଡ଼ିଶା କୃଷିରେ ନୂତନ ଦିଗନ୍ତ ସୃଷ୍ଟି ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମୃଦ୍ଧ ଓଡ଼ିଶା ଗଢ଼ିବାରେ କୃଷକମାନେ ପ୍ରକୃତ ସାରଥୀ। ଆଗାମୀ ଦିନରେ କୃଷିକୁ

ଅଧିକ ଲାଭଜନକ, ଆଧୁନିକ ଓ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶର କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ମଞ୍ଜିରୁ ବଜାର ପର୍ଯ୍ୟନ୍ତ ଏକ ସମନ୍ୱିତ ବ୍ୟବସ୍ଥା ଦେଶରେ ଗଢ଼ି ଉଠିଛି। ଭାରତୀୟ କୃଷି ଓ କୃଷକଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସାମିଲ କରାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। କୃଷକଙ୍କ ଆୟ ବୃଦ୍ଧି ପାଇଁ ଉନ୍ନତ ବିହନ, ସଠିକ ଜଳସେଚନ ଏବଂ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି। କେନ୍ଦ୍ର ସରକାରଙ୍କ କୃଷି ଭିତ୍ତିଭୂମି ପାଣ୍ଠି ମାଧ୍ୟମରେ ରାଜ୍ୟରେ ଶୀତଳ ଭଣ୍ଡାର ଓ ଗୋଦାମ ଘର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୦୨୬ ଖରିଫ ଋତୁ ପାଇଁ ୪୧ ଲକ୍ଷ ୬୮ ହଜାର ୫୮୨ ଜଣ ଚାଷୀଙ୍କୁ ସି.ଏମ୍. କିଶାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡି.ବି.ଟି. ମାଧ୍ୟମରେ ହସ୍ତାନ୍ତର କରିଛନ୍ତି। କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା  ସରକାରଙ୍କ ପ୍ରାଥମିକତା। ୨୦୨୫-୨୬ ଖରିଫ ଋତୁରେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ୭୬ ଦଶମିକ ୪/୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ୫ ହଜାର ୫୮୯ କୋଟିରୁ ଊର୍ଦ୍ଧ୍ୱ ଇନପୁଟ୍ ସହାୟତା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ପାରମ୍ପରିକ ମାଣ୍ଡିଆକୁ ବିଶ୍ୱ ମଞ୍ଚରେ ପହଁଞ୍ଚାଇବା ପାଇଁ 'ଶ୍ରୀ ଅନ୍ନ' ଅଭିଯାନକୁ ଆହୁରି

ଜୋରଦାର କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧାନ ଗବେଷଣା କେନ୍ଦ୍ର ନିକଟରେ ଥିବା ଚାଷ ଜମିରେ ଭୂମିପୂଜା କରିବା ପରେ ଅକ୍ଷୀ ମୁଠି ଅନୁକୂଳ କରିଥିଲେ । ପରେ କୃଷି ପ୍ରଦର୍ଶନୀ ବୁଲି ଦେଖିବା ସହ 'ଆମ ବିହନ ରଥ' ଏବଂ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି କୃଷକ ସମାଜ । କୃଷି କାର୍ଯ୍ୟକୁ ଅଧିକ ସରଳ ଓ ସ୍ୱଚ୍ଛ କରିବା ପାଇଁ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ ବୋଲି ଶ୍ରୀ ସିଂହଦେଓ କହିଥିଲେ । କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ, ବିଭୂ ତରାଇ ଓ ଅନ୍ୟ ବିଧାୟକମାନେ ଉପସ୍ଥିତ ଥିଲେ ।

Koraput/Ganjam

## ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଅକ୍ଷୟ ତୃତୀୟା ଅବସରରେ ଅକ୍ଷୀ ମୁଠି ଅନୁକୂଳ ହୋଇଯାଇଛି ।

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବେଣାକୁନ୍ଦ କୃଷି ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଅକ୍ଷୀ ମୁଠି ଅନୁକୂଳ କରିଥିଲେ । ଜିଲ୍ଲାର ୨ ଲକ୍ଷ ୪୧ ହଜାର ୫୩୧ ଜଣ ଚାଷୀଙ୍କ ଖାତାକୁ ୪୮ କୋଟି ୩୦ ଲକ୍ଷ ୬୨ ହଜାର ଟଙ୍କା ହସ୍ତାନ୍ତର କରାଯାଇଥିଲା ।

କୋରାପୁଟ ଜିଲ୍ଲା ସରକାରୀ କୃଷିଫାର୍ମ କୋଟପାଡ଼ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରୁପୁ ଭତ୍ତ୍ରା ଯୋଗଦେଇ ଅକ୍ଷୀ ମୁଠି ଅନୁକୂଳ କରିଥିଲେ। ଜିଲ୍ଲାର ୮୯ ହଜାର ୯୦୭ ଜଣ ଚାଷୀଙ୍କୁ ସି.ଏମ୍. କିଶାନ ଯୋଜନାର ସହାୟତା ରାଶି ବର୍ଣ୍ଟନ କରାଯାଇଥିଲା।

Desk

## ମହାନଦୀ ଜଳ ବିବାଦ

ମହାନଦୀ ଜଳବିବାଦର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୨ ତାରିଖରେ ଅନୁଷ୍ଠିତ ହେବ। ଓଡ଼ିଶା ପାଇଁ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ପକ୍ଷ ରଖି ଏହି ସୂଚନା ପ୍ରଦାନ କରିଛନ୍ତି। ଛତିଶଗଡ଼ ଓ ଓଡ଼ିଶା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ସହମତ ହୋଇଛନ୍ତି। ମହାନଦୀରେ ଜଳ ସଂଗୃହୀତ ତଥ୍ୟ ରଖିବାକୁ ଉଭୟ ରାଜ୍ୟ ସମୟ ମାଗିଥିବା ନେଇ ଆଡଭୋକେଟ୍ ଜେନେରାଲ କହିଛନ୍ତି।

SBLPUR/Nayagarh/Puri

## ରଥ ନିର୍ମାଣ କାର୍ଯ୍ୟ

ପବିତ୍ର ଅକ୍ଷୟ ତୃତୀୟାରେ ଆଜି ପୁରୀ ଶ୍ରୀମନ୍ଦିରରେ ରଥଯାତ୍ରା ପାଇଁ ପରମ୍ପରା ଅନୁଯାୟୀ ରଥ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ନୀତି ଅନୁଷ୍ଠିତ ହୋଇଯାଇଛି। ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା ନୀତି କରାଯାଇ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ବିଜେ କରିବା ପରେ ପାଲିଙ୍କିରେ ରାମ ଓ କୃଷ୍ଣ ରଥଖଳାକୁ ଆସିଥିଲେ। ପୂଜାପଣ୍ଡା ସେବକମାନେ ଆଜ୍ଞାମାଳ ବିଜେ କରି

ରଥଖଳାରେ ପହଞ୍ଚିବା ପରେ ଅନୁକୂଳ ନୀତି ହୋଇଥିଲା। ପୂର୍ବରୁ ରଥଖଳାରେ ବନଜାଗ ପଦ୍ଧତିରେ ପୂଜା ପାଇଁ ରଖାଯାଇଥିବା ତିନିଖଣ୍ଡ ଧଉରା କାଠରେ କୁରାଢ଼ି ମାରି ରଥ କାଠ ଅନୁକୂଳ ନୀତି କରାଯାଇଥିଲା। ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ରଥ କାଠ ଅନୁକୂଳ ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି...

**- V/O -**

ଆଜିଠାରୁ ୨୧ଦିନ ବ୍ୟାପୀ ଶ୍ରୀଜୀଉଙ୍କର ବାହାର ଚନ୍ଦନ ଯାତ୍ରା ନରେନ୍ଦ୍ର ପୁଷ୍କରିଣୀଠାରେ ମଧ୍ୟ ଅନୁଷ୍ଠିତ ହେଉଛି । ରଥ ଅନୁକୂଳ ନୀତି ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସମେତ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ବିଜେ କରିଛନ୍ତି। ପୁଷ୍କରିଣୀରେ ସୁସଜ୍ଜିତ ଚାପ ଡଙ୍ଗା ନନ୍ଦା ଓ ଭଦ୍ରାରେ ଠାକୁର ବିରାଜମାନ କରି ନୌକା ବିହାର କରିବେ ।

ନୟାଗଡ଼ର ଆଦିପୀଠ ଶ୍ରୀନୀଳମାଧବଙ୍କ ପ୍ରସିଦ୍ଧ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହିତ ଭୂଦେବୀ, ଶ୍ରୀଦେବୀଙ୍କ ସାଙ୍ଗରେ ଦୁଇ ମଣି ବିମାନରେ ଶିବ ପାର୍ବତୀଙ୍କ ସହିତ ଚନ୍ଦନ ପୋଖରୀରେ ଚାପ ଖେଳିଛନ୍ତି। ଓଡ଼ଗାଁରେ ବିଜେ ରଘୁନାଥଜୀଉ, ଶରଣକୂଳର ଲଡୁବାବା ଏବଂ ରଣପୁର ଜଗନ୍ନାଥ ମନ୍ଦିରରେ ମଧ୍ୟ ଏହି ଯାତ୍ରା ଅନୁଷ୍ଠିତ ହୋଇଛି।

ସମ୍ବଲପୁର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ପ୍ରାରମ୍ଭ ପର୍ଯ୍ୟାୟରେ ଆଜି ଥାଳ ଉଠା ପର୍ବ ଅନୁଷ୍ଠିତ ହୋଇଯାଇଛି।

HS

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମାସ ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସଲୋମୀ ସାହୁ କହିଛନ୍ତି। ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମାମଲା ଓ ଫୌଜଦାରୀ ମାମଲାର ଶୁଣାଣି କରାଯାଇ ବିଭିନ୍ନ ଜିଲ୍ଲା ଓ ଉପଖଣ୍ଡ କୋର୍ଟଗୁଡ଼ିକରେ ଆପୋଷ ବୁଝାମଣା ଜରିଆରେ ସମାଧାନ କରାଯିବ। ନିଜର ମାମଲାକୁ ଆଗତ କରାଇ ଏହାର ଫଇସଲା କରାଇବାକୁ ଯତ୍ନବାନ ହେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପରାମର୍ଶ ଦିଆଯାଇଛି।

Jajpur/N.gpur./D.garh/BHK/N.garh

## ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପଞ୍ଜୀକୃତ ୪୬ଟି  ଅଭିଯୋଗରୁ ୨୫ଟିର ତତ୍କାଳ ସମାଧାନ କରାଯାଇଛି ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବାସୁଦେବପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୩୯ଟି ଅଭିଯୋଗର ଶୁଣାଣି କରି ଦୁଇଜଣଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ଗଣ୍ଡମ୍ ଗ୍ରାମପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୫୦ଟି ଅଭିଯୋଗର ଶୁଣାଣି କରାଯାଇଛି । ଜଙ୍ଗଲ ଜମି ପଟ୍ଟା, ସଡ଼କ ପ୍ରଶସ୍ତିକରଣ, ଶିକ୍ଷକ ବଦଳି ଏବଂ ମୋବାଇଲ ନେଟଓ୍ୱର୍କର ଉନ୍ନତିକରଣ ନିମନ୍ତେ ଶିବିରରେ  ଶୁଣାଣି ହୋଇଛି ।

ନବରଙ୍ଗପୁରର ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗମାନଙ୍କୁ ତିନୋଟି ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଛି । ଅନ୍ୟ ୧୨ ଜଣଙ୍କୁ ମଧୁବାବୁ ପେନସନ୍ ଯୋଜନା ଅନ୍ତର୍ଗତ ସହାୟତା କାର୍ଡ ବଣ୍ଟନ କରାଯାଇଛି ।

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଧର୍ମଶାଳା ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ଅମ୍ବର କୁମାର କର ପଞ୍ଜୀକୃତ ୬୦ଟି ଅଭିଯୋଗରୁ ୩୪ଟିର ତତ୍କାଳ ସମାଧାନ କରିଛନ୍ତି ।

Kendrapara/Ganjam/Desk

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଗତ କିଛିଦିନ ଧରି ବିଭିନ୍ନ ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଉଛି । ଗରମ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିଷ୍ପତ୍ତିକ୍ରମେ ବିଭିନ୍ନ ଜିଲ୍ଲାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି ।

**ଜଗତସିଂହପୁର** ଜିଲ୍ଲାରେ ସକାଳ ସାଢ଼େ ୬ଟାରୁ ୯ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଚାଲିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏହା ସହିତ ସ୍କୁଲରେ ଆବଶ୍ୟକୀୟ ପିଇବା ପାଣି ଓ ଓ.ଆର୍.ଏସ୍. ମହଜୁଦ ରଖିବାକୁ କୁହାଯାଇଛି ।

**ଗଞ୍ଜାମ** ଜିଲ୍ଲାରେ ଆସନ୍ତାକାଲିଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଶିଶୁବାଟିକାରୁ ଦ୍ୱାଦଶ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଛୁଟି ରହିବ । ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷା ଜାରି ରହିବ ।

**କେନ୍ଦ୍ରାପଡ଼ା** ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ସାଢ଼େ ୬ଟାରୁ ୯ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଚାଲିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।